## ସଂକ୍ଷେପରେ

### ଗାଈ ସହ ଯୌନକ୍ରିୟା କରି ଯୁବକ ଗିରଫ

ଉମରକୋଟ, ୧୦।୫(ସ୍ୱ.ପ୍ର.)- ଗାଈ ସହ ଯୌନ କ୍ରିୟା କରିବା ଅଭିଯୋଗରେ ଉମରକୋଟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡର ମହମ୍ମଦ ଅଚୁଲ। ସେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଡଙ୍ଗରୀସାହିରେ ରହି ମିସ୍ତ୍ରି କାମ କରନ୍ତି। ସୂଚନାନୁଯାୟୀ, ଢେପଗୁଡ଼ାର ରଘୁବଂଶ କୁମାର ଝା ନିଜ ଘରେ କେତୋଟି ଗାଈ ପାଳିଛନ୍ତି। ସବୁଦିନ ଭଳି ସେ ସୋମବାର ରାତିରେ ଗାଈମାନଙ୍କୁ ଗୁହାଳରେ ବାନ୍ଧିଥିଲେ। କିନ୍ତୁ ରାତିରେ ମହମ୍ମଦ ଅଚୁଲ ତାଙ୍କ ଗୁହାଳ କାନ୍ଥ ଡେଇଁ ଭିତରେ ପଶିଥିଲେ। ସେଠାରେ ଥିବା ଗୋଟିଏ ଗାଈ ସହ ସେ ଯୌନ କ୍ରିୟା କରିବାବେଳେ ରଘୁ ସିସିଟିଭି ଦେଖି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ସିସିଟିଭି ଫୁଟେଜ ପୋଲିସକୁ ଦେବା ସହ ମହମ୍ମଦ ଅଚୁଲଙ୍କ ନାମରେ ସେ ଥାନାରେ ଅଭିଯୋଗ କରିଛନ୍ତି। ମହମ୍ମଦ ଅଚୁଲଙ୍କ ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ୧୭୩/୨୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବୋଲେରୋକୁ ଧକ୍କା ଦେଲା କୋଇଲା ବୋଝେଇ ଟ୍ରକ୍

ରାୟଗଡା ଅଫିସ, ୧୦।୫
୩୨୬ ନମ୍ବର ଜାତୀୟ ରାଜପଥର ଗୁମ୍ମା ନିକଟରେ ମଙ୍ଗଳବାର ଅପରାହ୍ନରେ ବୋଲେରୋ ଓ କୋଇଲା ବୋଝେଇ ଟ୍ରକ ଧକ୍କାରେ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଅଛନ୍ତ। ସୂଚନାନୁଯାୟୀ, କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ବଡ଼ମାରିଭଟା ଗାଁର ଗୋଟିଏ ପରିବାରର ୭ଜଣ ଏକ ବୋଲେରୋ ରାୟଗଡାରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ। ଏହି ସମୟରେ ଗୁମ୍ମା ନିକଟ ତଳଗୁମ୍ମାଠାରେ ଏକ କୋଇଲା ବୋଝେଇ ଟ୍ରକ ତାକୁ ଧକ୍କା ଦେଇଥିଲା। ଟ୍ରକ୍‌ଟିର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଦୁର୍ଘଟଣାରେ ବାଲେରୋରେ ବସିଥିବା ୭ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ସେହିଭଳି ଦୁର୍ଘଟଣା ଘଟାଇଥିବା କୋଇଲା ବାଝେଇ ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ରକ ଡ୍ରାଇଭର ମଧ ଆହାତ ହୋଇଛନ୍ତି। ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତଙ୍କୁ ଭର୍ତ୍ତି କରାଯାଇଛି।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

କାଶୀନଗର,୧୦।୫-କାଶୀନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପରେ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ପ୍ରେମିକଙ୍କୁ ମଙ୍ଗଳବାର ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ପିଣ୍ଡିଟି ଜଗଦିଶ (୩୫)। ସମ୍ପୃକ୍ତ ଯୁବତୀଙ୍କ ସହ ହୋଟେଲ ମାଲିକ ଦଗଦିଶ ପ୍ରେମ କରି ବିବାହ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ଧୋକ୍କା ଦେଇ ଦୀର୍ଘ ୬ ମାସ ହେବ ଫେରାର ହୋଇଯାଇଥିଲେ। ଯୁବତୀଙ୍କ ଏତଲା କ୍ରମେ କାଶୀନଗର ଥାନାରେ ନଂ. ୧୩୪/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

# ବର୍ଷାର ପରିମାଣ ଦେଖି ଲୋକଙ୍କୁ ସ୍ଥାନାନ୍ତର କରାଯିବ

- ସାମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତ ଅଛୁ:ଜିଲାପାଳ
- ଓଡ୍ରାଫ୍, ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି
- ଫସଲକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଚାଷୀଙ୍କୁ ପରାମର୍ଶ

ରାୟଗଡା ଅଫିସ,୧୦।୫(ଡି.ଏନ୍.ଏ.)

ଆଶାନି ବାତ୍ୟା ପାଇଁ ରାୟଗଡା ଜିଲାକୁ ରେଡ ଆଲର୍ଟ ଜାରି କରାଯାଇଛି। ଜିଲା ପ୍ରଶାସନ ସାମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ଜିଲାପାଳ ସରୋଜ କୁମାର ମିଶ୍ର କହିଛନ୍ତି। ରାୟଗଡାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ସମସ୍ତ ବିଡ଼ିଓ ଫିଲଡ଼ଲାଇନ ବିଭଗ ଅଫିସର ମାନଙ୍କ ସହ ବୈଠକ କରାଯାଇ ପ୍ରସ୍ତୁତ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏକ ଓଡ୍ରାଫ୍ ଟିମ ଭାମିନି ଷ୍ଟେସନରେ ଅଛନ୍ତି। ଜିଲା ଫାୟାର ଟିମ୍‌କୁ କଲ୍ୟାଣସିଂହପୁର ଏବଂ ଶେଷଖାଲ ଅଞ୍ଚଳରେ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ଏହା ଛଡା ଅବଶ୍ୟକ ସ୍ଥଳେ ଓଡ୍ରାଫ ଟିମ୍‌କୁ ଗୁଣୁପୁରରେ ମଧ ନିୟୋଜିତ ରାଯିବ ବୋଲି ଜିଲାପାଳ କହିଛନ୍ତି। ଚାଷୀମାନେ ଅମଳ କରିଥିବା ଦ୍ରବ୍ୟକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ୫୬ଟି ଟେମ୍ପରାରି ଆଶ୍ରୟ ସ୍ଥଳୀ ଚିହ୍ନଟ ହୋଇଛି। ୩ ଟି ପରମାନେଣ୍ଟ ଆଶ୍ରୟ ସ୍ଥଳି ଚିହ୍ନଟ କରାଯାଇଛି। ଅବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ କହିଛନ୍ତି। ମାଟି ଅତଡ଼ା ଖସିବାର ସମ୍ଭାବନା ଥିବାରୁ ଲୋକଙ୍କୁ ସତର୍କ କରାଯାଇଛି। ବର୍ଷାର ପରିମାଣ ଦେଖି ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି ଜିଲାପାଳ କହିଛନ୍ତି।

## କାର୍ଯ୍ୟକ୍ଷମ ହେଉନି ଦୈନିକ କୃଷକ ବଜାର ପିଣ୍ଡି



### ରାସ୍ତାରେ ବସି ବେପାର କରୁଛନ୍ତି ବ୍ୟବସାୟୀ

ଟିକିରି, ୧୦।୫(ଡି.ଏନ୍.ଏ.)
ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ପଛପଟେ ରହିଛି ଦୈନିକ କୃଷକ ବଜାର ପିଣ୍ଡି। ଉଦ୍‌ଘାଟନ ହେବ ଦିନରୁ ବ୍ୟବହାର ନ ହୋଇ ତାହା ରହିଛି। ପିଣ୍ଡି ଖାଲି ରହିଥିବାବେଳେ ପରିବା ବେପାରୀମାନେ ରାସ୍ତାକଡ଼ରେ ବସି ବ୍ୟବସାୟ କରୁଛନ୍ତି। ପରିବା ଚାଷୀ, ବ୍ୟବସାୟୀ ଓ ଗ୍ରାହକଙ୍କ ସୁବିଧା ଦୃଷ୍ଟିରୁ ଟିକିରି ଥାନା ପଛପଟେ ଟିକିରି ପଞ୍ଚାୟତ ପକ୍ଷରୁ ଜାଗା ଦିଆଯାଇଥିଲା। ସେଠାରେ ୨୦୧୧ରେ ଉତ୍କଳ ଆଲୁମିନା ପକ୍ଷରୁ ବ୍ୟବସାୟୀ ଓ ଲୋକଙ୍କ ସୁବିଧା ଦୃଷ୍ଟିରୁ ପିଣ୍ଡି ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣର ୧୧ ବର୍ଷ ପରେ ମଧ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେଣୁ ରାସ୍ତାକଡ଼ରେ ବ୍ୟବସାୟୀମାନେ ବେପାର କରୁଛନ୍ତି। ଫଳରେ ରାସ୍ତା ଜାମ୍ ହେବା ସହ ଦୁର୍ଘଟଣା ଘଟୁଛି। ବେପାରୀଙ୍କ ପାଇଁ ଉକ୍ତ ପିଣ୍ଡି ଦେବାକୁ ଦାବି ହୋଇଛି। ଏ ନେଇ ଟିକିରି ସରପଞ୍ଚ ଜଗମୋହନ ମାଝିଙ୍କୁ ପଚାରିବାରୁ ପୂର୍ବରୁ ସେଠାରେ ବେପାରୀଙ୍କୁ ବସିବାକୁ ଦିଆଯାଇଥିଲା। କିନ୍ତୁ ଲୋକେ ସେଠାକୁ ଗଲେ ନାହିଁ। ତେଣୁ ବେପାରୀମାନେ ପୁଣି ଥରେ ରାସ୍ତା କଡ଼ରେ ବ୍ୟବସାୟ କରୁଛନ୍ତି ବୋଲି ସେ କହିଛନ୍ତି।

## ଗାଡ଼ି ନମ୍ବର ବଦଳାଇ ଚାଲାଣ ହେଉଥିଲା ଗଞ୍ଜେଇ

ମୁନିଗୁଡ଼ା, ୧୦।୫(ଡି.ଏନ୍.ଏ.)



ପୋଲିସ ନିକଟରେ ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ।

### ୨ ଆନ୍ତଃରାଜ୍ୟ ବେପାରୀ ଗିରଫ

ଗାଡି ନମ୍ବର ବଦଳାଇ ଚାଲିଥିଲା ଗଞ୍ଜେଇ ଚାଲାଣ। ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ଉକ୍ତ ଗାଡିକୁ ଜବତ କରିବା ସହ ୨ ଆନ୍ତଃ ରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଦିଲ୍ଲୀର ମନୋଜ କୁମାର ଓ ଉତ୍ତରପ୍ରଦେଶର ସନ୍ତୋଷ ସିଂ।

ମୁନିଗୁଡା ଥାନା ପୋଲିସ ସୋମବାର ଅପରାହ୍ନରେ ଚତୁରତାର ସହ ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କଠାରୁ ୧୩୮କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ମୁନିଗୁଡା ଏସ୍‌ଆଇ ଏ.କେ.ବହିଦାର, ହାବିଲଦାର ଏନ୍.ଏନ୍.ପଣ୍ଡା, କନଷ୍ଟେବଳ ବିରଞ୍ଚି ଚୌଧୁରୀ, ସସ୍ମିତା ପାଣିଗ୍ରାହୀ, ତ୍ରିଲୋଚନ ନାୟକ ପ୍ରମୁଖ ମୁନିଗୁଡା ତିନିକୋଣିଆ ଛକ ନିକଟସ୍ଥ ରେଲୱେ ଗେଟ ନିକଟରେ ଗାଡି ଯାଞ୍ଚ କରୁଥିଲେ। ଗଞ୍ଜେଇ ଭର୍ତ୍ତି ଏକ ଗାଡିକୁ ଜବତ କରଯାଇ ସେଥିରେ ଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଦିଲ୍ଲୀର ମନୋଜ କୁମାର ଓ ଉତ୍ତରପ୍ରଦେଶର ସନ୍ତୋଷ ସିଂ। ସେମାନେ ରାୟଗଡ଼ାରୁ ଗଞ୍ଜେଇ ନେଇ ଦିଲ୍ଲୀ ଯାଉଥିଲେ। ପୋଲିସ ଗଞ୍ଜେଇ ନେଇ ଯାଉଥିବା ଗାଡି ଜବତ କରିଛି। ଯାହାର ପ୍ରକୃତ ନମ୍ବର (ଡିଏଲ୍-୧୨ବି-୫୬୮୧) ହୋଇଥିବାବେଳେ ଅଭିଯୁକ୍ତମାନେ ଏହାକୁ ବଦଳାଇ (ଓଡ଼ି-୧୫ଡି-୯୬୨୨) ଭାବେ ବ୍ୟବହାର କରୁଥିଲେ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୫୪୭୦ଟଙ୍କା, ୨ଟି ମୋବାଇଲ, ଡ୍ରାଇଭିଂ ଲାଇସେନ୍ସ ଜବତ କରିଛି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

## ଅଭିଯୁକ୍ତ ପୁତୁରାଙ୍କୁ କୋର୍ଟ ଚାଲାଣ

### ପିଉସୀଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ ଘଟଣା

ନବରଙ୍ଗପୁର,୧୦।୫(ବି.ପ୍ର.)

ଜମିଜମା ବିବାଦକୁ ନେଇ ପିଉସୀଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ ଘଟଣାରେ ପୁତୁରା ଲଳିତ ଗଣ୍ଡଙ୍କୁ ରାଇଘର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ କେସ୍ ନମ୍ବର ୯୪/୨୨ରେ ଏକ ମାମଲା ରୁଜୁ ହୋଇଛି।
ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଢ଼ା ପଞ୍ଚାୟତ ଗୁଛାଗୁଡ଼ା ଗ୍ରାମର ପିଉସୀ ଶାନ୍ତିବାଇ ଗଣ୍ଡ ଶୋଇଥିବାବେଳେ ପୁତୁରା ଲଳିତ ନଡା ପକାଇ ତାଙ୍କୁ ନିଆଁ ଲାଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଶାନ୍ତିବାଇଙ୍କୁ ସ୍ଥାନୀୟ ସମିତି ସଭ୍ୟ ଶଙ୍କର ଗଣ୍ଡ ଉଦ୍ଧାର କରି ରାଇଘର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ଜଣାପଡିବା ପରେ ଶାନ୍ତିଙ୍କ ଅନ୍ୟଜଣେ ପୁତୁରା ଭାରସୁଣ୍ଡି ଗାଁର ମଳସାଇ ଗଣ୍ଡ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ଅଭିଯୁକ୍ତ ଲଳିତଙ୍କୁ କୋର୍ଟ ଚାଲାଣ କରିଛି।

## ଲୋକଙ୍କ ସହଯୋଗରେ ସହର ସମସ୍ୟାର ସମାଧାନ ନେଇ ଆଲୋଚନା

ଗୁଣପୁର,୧୦।୫(ଡି.ଏନ୍.ଏ.)
ରାୟଗଡା ଜିଲା ଗୁଣପୁର ଥାନାରେ ସୋମବାର ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକ ନିଷ୍ପତ୍ତି ମୁତାବକ ମଙ୍ଗଳବାର ଆମ ପୋଲିସ ଟିମ ଏବଂ ପୌରସଂସ୍ଥା ମିଳିତଭାବେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ନୂତନ ବସଷ୍ଟାଣ୍ଡରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଏବଂ ଅନ୍ୟ ସ୍ଥାନରେ ଥିବା ଉଠା ଦୋକାନୀ ଓ ପରିବା ବିକାଳୀମାନଙ୍କ ସହ ଆଲୋଚନା କରାଯାଇଛି। ଏଣେ ତେଣେ ନିଜର ବ୍ୟବସାୟ ନକରି ପୌରସଂସ୍ଥା ପକ୍ଷରୁ ଚିହ୍ନଟ ଏକ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ବସି ବ୍ୟବସାୟ କରିବାକୁ ଦୋକାନୀମାନଙ୍କ ସହଯୋଗ କାମନା କରାଯାଇଥିଲା। ଅଟୋଗୁଡିକ ପାଇଁ ପାର୍କିଂ ପାଇଁ ସ୍ଥାନ ଚୟନ ନେଇ ଆଲୋଚନା ହୋଇଥିଲା। ସେହିପରି ପୁରୁଣା ବସଷ୍ଟାଣ୍ଡରେ ଥବା ଭେଣ୍ଡିଂ ଯୋନରେ ପିଣ୍ଡିଗୁଡିକ ଖାଲି ରହୁଛି। ଏଣୁ ସେଗୁଡିକୁ ଭଙ୍ଗା ଯାଇ ସେଠାରେ ଟିଣ ସେଡ ନିର୍ମାଣ କରାଯିବ ଏବଂ ସେଠାରେ ବଜାର ତଥା ପରିବା ବିକାଳୀମାନେ ବ୍ୟବସାୟ କରିବା ପାଇଁ ପୌରସଂସ୍ଥା ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସେହି ସ୍ଥାନର ପଛପଟ ବିଭିନ୍ନ ଛୋଟ ଗାଡିଗୁଡିକ ପାର୍କିଂ ହେଉଛି। ତାହାକୁ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଛି। ୱାନ ୱେ ଟ୍ରାଫିକ କିପରି କରାଯିବ ସେ ନେଇ ନିରିକ୍ଷଣ କରାଯାଇଥିଲା। ଏହି ସମୟରେ ଏସ୍‌ଡିପିଓ ଅଜୟ କୁମାର ବାରିକ, ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ, ଆଇଆଇସି ଯଶବନ୍ତ ହିଆଲ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ସମାଜିକ କର୍ମୀ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।
ପ୍ରକାଶ ଯେ, ସୋମବାର ସମାଜିକ କର୍ମୀ ଅକ୍ଷୟ ଦାସଙ୍କ ଅଧକ୍ଷତାରେ ଆମ ପୋଲିସ ସମିତି ବୈଠକ ହୋଇଥିଲା। ଆଇଆଇସି ଯଶବନ୍ତ ହିଆଲ ଏହାର ସଂଯୋଜନା କରିଥିଲେ। ଏସଡିପିଓ ଅଜୟ କୁମାର ବାରିକ ଏବଂ ତାଲିମଧାରୀ ଏସଡିପିଓ ଆର.ଆର. ସେନାପତି ଓ ଆଇନଜୀବୀ ରମେଶ ଲିମା ପ୍ରମୁଖ ଉପସ୍ଥିତ ଥିଲେ ।

## ୧୦ରୁ ୧୩ ବର୍ଷ ବର୍ଗକୁ ଶୀଘ୍ର ଟିକାକରଣ ଦାବି

ରାୟଗଡ଼ା ଅଫିସ,୧୦।୫

ରାୟଗଡ଼ା ଜିଲାରେ ଏକ ସ୍କୁଲ ଓ ହଷ୍ଟେଲରୁ ୬୪ ଛାତ୍ରୀଛାତ୍ର କରୋନା ପଜିଟିଭ ଚିହ୍ନଟ ହେବାପରେ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୧୦ରୁ ୧୩ ବର୍ଷ ବୟସର ପିଲାଙ୍କୁ ଶୀଘ୍ର ଟିକାକାରଣ କରିବାକୁ ଦାବି ହୋଇଛି।
କରୋନାର ରକ୍ଷାକବଚ ହେଉଛି ଟିକା। ରାୟଗଡ଼ା ଜିଲା ଟିକାକରଣର ଲକ୍ଷ୍ୟ ହାସଲର ନିକଟତର ହୋଇପାରିଛି। ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ମଧ୍ୟରେ ୭ ଲକ୍ଷ ୨୨ ହଜାର ୧୬୮ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ ଟିକାକରଣ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରୁ ୬ଲକ୍ଷ ୫୨ ହଜାର ୬୦୬ ଜଣଙ୍କୁ ଟିକାକାରଣ କରାଯାଇଛି। ଏହା ୯୦ ପ୍ରତିଶତ ବୋଲି ଜଣାପଡ଼ିଛି। ସେହିପରି ୫ ଲକ୍ଷ ୭୬ ହଜାର ୨୬ ଜଣଙ୍କୁ ୨ୟ ଡୋଜ୍ ଟିକା ଦିଆଯାଇଛି। ଏହା ଧାର୍ଯ୍ୟ ଲକ୍ଷ୍ୟର ୮୦ ପ୍ରତିଶତ। ଅନ୍ୟପକ୍ଷରେ ୧୯,୯୭୩ ଜଣଙ୍କୁ ପ୍ରିକସନ୍ ଡୋଜ୍ ଦିଆଯାଇଛି । ୧୫ ରୁ ୧୭ ବର୍ଷ ମଧ୍ୟରେ ୫୩ ହଜାର ଜଣଙ୍କୁ ଟିକାକରଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୪୬ ହଜାର ୫୮୩ ଜଣଙ୍କୁ ଟିକା ଦିଆଯାଇଛି। ଏହା ଧାର୍ଯ୍ୟ ଲକ୍ଷ୍ୟର ୮୮ ପ୍ରତିଶତ। ଏହି ବର୍ଗରେ ୨୯ ହଜାର ୫୧ ଜଣଙ୍କୁ ୨ୟ ଡୋଜ୍ ପ୍ରଦାନ କରାଯାଇଛି। ଏହା ୬୨ ପ୍ରତିଶତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି। ୧୨ ରୁ ୧୪ ବର୍ଷ ବର୍ଗରେ ୩୫,୦୭୪ ଜଣଙ୍କୁ ପ୍ରଥମ ଡୋଜ୍ ଟିକା ପ୍ରଦାନ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୨୬,୬୩୧ ଜଣଙ୍କୁ ଅର୍ଥାତ୍ ୭୬ ପ୍ରତିଶତଙ୍କୁ ଟିକା ପ୍ରଦାନ କରାଯାଇଛି। ସେହିପରି ୨ୟ ଡୋଜ୍ ୨୪ ପ୍ରତିଶତ ଅର୍ଥାତ୍ ୬୨୮୩ ଜଣଙ୍କୁ ପ୍ରଦାନ କରାଯାଇଛି।
ସୂଚନାଯୋଗ୍ୟ, ରାୟଗଡ଼ା ବ୍ଲକ କୋଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲରୁ ୪୪ ଛାତ୍ର(୧୦ରୁ ୧୨ ବର୍ଷ ବୟସ୍କ) କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ବିଷମକଟକ ବ୍ଲକ ହାଟମୁନିଗୁଡ଼ା ସରକାରୀ ବିଦ୍ୟାଳୟର ୨୦ ଛାତ୍ରୀ ମଧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପରେ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।

## ପରିଚୟ ଗୃହ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ



ଗୁଣପୁର,୧୦।୫(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ଅଧୀନ ଏସପିଗୁଡାର ଉପର ସୌରା ସାହିରେ ବସ୍ତିବାସିନ୍ଦାଙ୍କ ପରିଚୟ ଗୃହ ନିମନ୍ତେ ଭିତ୍ତି ପ୍ରସ୍ତରସ୍ଥାପନ କରାଯାଇଛି। ପୌର ପରିଷଦ ଅଧକ୍ଷା ମମତା ଗୌଡ, ଉପାଧକ୍ଷ ଶିବ ପ୍ରସାଦ ଗୌଡ, ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୬ ଲକ୍ଷ ଟଙ୍କା ବ୍ୟୟରେ ପରିଚୟ ଗୃହ ନିର୍ମାଣ ହେବ।

## ଏସ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନବରଙ୍ଗପୁର,୧୦।୫(ବି.ପ୍ର.)
ଜିଲା ଅନୁସୂଚିତ ଜାତି ସଂଘ ସଦସ୍ୟମାନେ ମଙ୍ଗଳବାର ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସ୍ୱାଗତ ଜଣାଇଛନ୍ତି।ଏହି ସମୟରେ ଜିଲା ସଂଘ ସଭାପତି ରାଜେନ୍ଦ୍ର କୁମାର ଭକ୍ତ, କୋଷାଧକ୍ଷ ରବି ସତନାମି, ସଦସ୍ୟ ଗୋପାଳ ସେଠୀ, ଗୋପନ କୁଲଦୀପ, ନବରଙ୍ଗପୁର ବ୍ଲକ ସଭାପତି ଦେବରାଜ ନାଗ, ସମ୍ପାଦକ ଅନିଲ ଦାସ, ବ୍ଲକ କର୍ମକର୍ତ୍ତା ଧନ ଡଙ୍ଗରୀ, ଡମ୍ବରୁ କଷ୍ଟା, କମଳଲୋଚନ କଷ୍ଟା ଓ ଅନ୍ୟ ସଦସ୍ୟମାନେ ଉପପସ୍ଥିତ ଥିଲେ।



## ଭିନ୍ନକ୍ଷମ କମିଶନର ପଦବୀରେ ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ପାଇଁ ଜନମତ ସଂଗ୍ରହ

ଗୁଡ଼ାରୀ, ୧୦।୫(ଡି.ଏନ୍.ଏ.)
ଜଣେ ଦିବ୍ୟାଙ୍ଗଙ୍କୁ ରାଜ୍ୟରେ ଭିନ୍ନକ୍ଷମ ଆୟୁକ୍ତଭାବେ ନିଯୁକ୍ତି ଦେବାକୁ ଦାବି ହୋଇଛି। ରାୟଗଡ଼ା ଜିଲା ଗୁଡ଼ାରୀ ଏଟିଏମ୍ ଛକ ନିକଟରେ ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଏ ନେଇ ଏକ ଜନମତ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ସାଧାରଣ ଜନତା ନିଜର ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସିସିପିଏଜି ସଂଘ ସମ୍ପାଦକ ଶିଶିର ରାଉଳ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ରାୟଗଡ଼ା ଜିଲା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଜିଲାରୁ ବହୁ ସଂଖ୍ୟାରେ ଜନମତ ସଂଗ୍ରହ କରାଯାଇ ତାହାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବା ସହ ଦାବି ରଖାଯିବ ବୋଲି ସିସିପିଏଜି ସଂଘ ସମ୍ପାଦକ ଶିଶିର ରାଉଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ନୀଳମାଧବ ବେହେରା, ଅଜୟ ଦାସ, ଭଗବାନ ସାହୁ, ଜାନକୀ ସାହୁ, ଫାବେନା ପାଲୋକା, ଟି ରାମଶଙ୍କରଙ୍କ ସମେତ ଅନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଆଶାକର୍ମୀଙ୍କ ସହଭାଗିତାରେ ଡାକ୍ତରଖାନା ପ୍ରସବ ବଢ଼ିଛି

### ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

ନବରଙ୍ଗପୁର,୧୦।୫ (ବି.ପ୍ର.)

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତିର ସମ୍ମିଳନୀ କକରାଯାଇଛି। ଏଥିରେ ଜିଲାର ଶ୍ରେଷ୍ଠ ଆଶା କର୍ମୀଙ୍କୁ ସମ୍ମାନିତ କରାଯାଇଛି।
ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଶା, ଗାଁ କଲ୍ୟାଣ ସମିତିଙ୍କ ସହଭାଗିତାରେ ଜିଲାରେ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ଉନ୍ନତମାନର ହୋଇ ଆସୁଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶାମାନଙ୍କ କାର୍ଯ୍ୟ ଦକ୍ଷତା ଅତୁଳନୀୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ମୋତିରାମ ଯୋଗଦେଇ ଆଶା ଓ ଗାଁ କଲ୍ୟାଣ ସମିତି ମାଧ୍ୟମରେ ପ୍ରତ୍ୟେକ ଘରେ କିଭଳି ସ୍ୱାସ୍ଥ୍ୟ ସଚେତନତା ପହଞ୍ଚିବ ସେ ନେଇ କହିଥିଲେ। ଡାକ୍ତରଖାନାରେ ପ୍ରସବ ସଂଖ୍ୟା ବଢାଇବା ଦିଗରେ ଆଶା କର୍ମୀଙ୍କ ଭୂମିକା ଅଧିକ ରହିଛି ବୋଲି କହିଥିଲେ। ଜିଲାରେ ସ୍ୱାସ୍ଥ୍ୟସେବାରେ ସମସ୍ତଙ୍କ ସହଭାଗିତା, ପ୍ରୋତ୍ସାହନ ଓ ତ୍ୟାଗକୁ ସମ୍ମାନ ଜଣାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ କମଳ ଲୋଚନ ମିଶ୍ର କହିଛନ୍ତି। ନବରଙ୍ଗପୁର ଜିଲାରେ ଡାକ୍ତରଖାନାରେ ପ୍ରସବ ୯୮ରୁ୯୯ ପ୍ରତିଶତ ବଢ଼ିଛି। ସମସ୍ତଙ୍କ ସହଯୋଗରେ ଜନସାଧାରଣଙ୍କ କଲ୍ୟାଣ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ସବୁ ସେବା ହାତକୁ ନିଆଯାଇଛି ସେଥିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉତ୍ତମ ଆଶା , ଗାଁ କଲ୍ୟାଣ ସମିତି, ସୁସ୍ଥ ପଞ୍ଚାୟତ ଓ ଗାଁ , ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ସମ୍ମାନ ପ୍ରଦାନ କରାଯାଇଛି।
ଏହି କାର୍ଯ୍ୟକ୍ରମରେ ସିଡିଏମ୍ଓ କାଳୀପ୍ରସାଦ ବେହେରା, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ମଞ୍ଚସୀନ ଥିଲେ। ଉତ୍ତମ ଆଶାଭାବେ କମଳା ପୁର୍ତ୍ତି, ଖୀରମଣି ସମରଥ, ପଙ୍କଜିନି ସମରଥଙ୍କୁ ସମ୍ମାନିତ କରାଯାଇଛି। ସେହିଭଳି ସୁସ୍ଥ ପଞ୍ଚାୟତଭାବେ କୋଷାଗୁମୁଡ଼ାକୁ ୧୦ହଜାର, ବକଡାବେଡାକୁ ୫ହଜାର, ଡଙ୍ଗରାକୁ ୫ହଜାର ଓ ଅମଲାଭଟ୍ଟାକୁ ୧୦ହଜାର ଟଙ୍କା ଚେକ ପ୍ରଦାନ କରାଯାଇଛି। ଜିଲାର ୧୦ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୧୦ ଗାଁ କଲ୍ୟାଣ ସମିତିକୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବା ସହିତ ସମ୍ମାନିତ କରାଯାଇଛି। ସେହିଭଳି ୭ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୪ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ କାୟକଳ୍ପ ସମ୍ମାନରେ ସମ୍ମାନିତ କରାଯାଇଛି। ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ଭିବିଡ଼ି କନ୍‌ସଲଟାଣ୍ଟ ଦିନେସ ପ୍ରହରାଜ, ଜିଲା ଆଶା ସଂଯୋଜକ ଉପସ୍ଥିତ ଥିଲେ।



ଆଶା କର୍ମୀ କମଳା ପୁର୍ତ୍ତିଙ୍କୁ ସମ୍ମାନିତ କରାଯାଉଛି।

## ପରିଣତ ବୟସରେ ପର ଝୁପୁଡ଼ି ଘର ସାହା

### ଆଧାର ଅଟକିଗଲା ଘର ନିର୍ମାଣ

ନବରଙ୍ଗପୁର,୧୦।୫ (ବି.ପ୍ର. )

ସମସ୍ତେ ଯେମିତି ପକ୍କା ଘରେ ରହିବେ ଏ ନେଇ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନା ଆରମ୍ଭ କଲେ। ସେହିଭଳି କେନ୍ଦ୍ର ସରକାର ଇନ୍ଦିରା ଆବାସ ନାମକୁ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନାମରେ କରି ଉପଯୁକ୍ତ ହିତାଧିକାରୀଙ୍କୁ ଘର ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରଶାସନର ଅବହେଳା ପାଇଁ ପରିଣତି ବୟସରେ ମଧ ଅନେକଙ୍କୁ ଘର ଖଣ୍ଡେ ମିଳିପାରୁନି। ଏପରି ଏକକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ସଦରରେ।
ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ସଦର ମହକୁମାର ଲଛମିଧର ଗୌଡ଼ (୭୫) ଓ ତାଙ୍କ ସ୍ତ୍ରୀ ଡମୁନି ଗୌଡ଼ (୭୩)ଙ୍କୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୮-୧୯ରେ ଘର ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କଲେ। ଏହାର ପ୍ରଥମ ପର୍ଯ୍ୟାୟ ଅନୁଦାନ ୨୦ହଜାର ଟଙ୍କା ଯୋଗାଇ ଦେଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ଲଛମିଧର ଘର ତିଆରି କରିପାରିବେ ନାହିଁ ଏହାର ସୁଯୋଗ ନେଇ ଜଣେ ମଧ୍ୟସ୍ଥି ଘର ତିଆରି କରିଦେବା ପାଇଁ ପ୍ରତିଶ୍ରୁତି ଦେଲେ। ହିତାଧିକାରୀଙ୍କଠାରୁ ଟଙ୍କା ନେଇ ମଧ୍ୟସ୍ଥି ଜଣକ ଅଧା ତିଆରି କରି ଘର ନିର୍ମାଣ କାମ ବନ୍ଦ କରିଦେଲେ। ଲଛମିଧର ପୂର୍ବରୁ କାନା ଗ୍ରାମରେ ରହୁଥିଲେ। ଆବାସ ଯୋଜନା ତାଲିକାରେ ନିଜ ନାମ ରହିବା ଓ ଚଟାହାଣ୍ଡିରେ ତାଙ୍କର ନିଜ ଜମି ପଟ୍ଟା ଥିବାରୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଲା। ଏହାପରେ ସେ ସ୍ତ୍ରୀଙ୍କ ସହିତ କାନା ଗୁଡା ଗ୍ରାମ ଛାଡି ଚଟାହାଣ୍ଡିକୁ ଆସିଥିଲେ। ଲଛମିଧରଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ସମସ୍ତେ ବିବାହ ପରେ ଅନ୍ୟତ୍ର ରହୁଛନ୍ତି। ଲଛମିଧର ଓ ତାଙ୍କ ସ୍ତ୍ରୀ ଡମୁନିଙ୍କର ନିଜସ୍ୱ ଚଟାହାଣ୍ଡିରେ କେହି ନ ଥିବାରୁ ରହିବାରେ ବହୁ ସମସ୍ୟା ଭୋଗିଲେ। ତାଙ୍କ ସମ୍ପର୍କୀୟ ସେମମାନଙ୍କ ଅବସ୍ଥା ଦେଖି ଚାଳଛପର ଏକ ଝୁପୁଡି ବଖରାରେ ରହିବା ପାଇଁ ଆଶ୍ରୟ ଦେଲେ। ଡମୁନି ଚଲା ବୁଲା କରିପାରୁନଥିବା ବେଳେ ଲଛମିଧର ପରିଣତ ବୟସରେ ଦୈନିକ କୁଲି ମଜୁରୀ କରିବାକୁ ଅନ୍ୟମାନଙ୍କ କ୍ଷେତକୁ ଯାଉଛନ୍ତି। ସେଥିରେ ଯାହା ରୋଜଗାର ହୁଏ ଚଳନ୍ତି। ଉଭୟଙ୍କୁ ମାସିକ ବାର୍ଦ୍ଧକ୍ୟ ଭତ୍ତା ୧ହଜାର ଟଙ୍କା ମିଳୁଛି। ଘର ନାହିଁ, ଏଣେ ମହରଗ ଦୁନିଆରେ ସ୍ୱଳ୍ପ ରୋଜଗାରରେ ଚଳିବା କଷ୍ଟକର ବୋଲି ବୃଦ୍ଧ ଦମ୍ପତି କହିଛନ୍ତି। ସରକାର ଘର ଯୋଗାଇଦେଲେ। ହେଲେ ଆଜିକୁ ୪ବର୍ଷ ହେବ ଘର କାମ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅନ୍ୟର ସହାୟତାରେ ଏକ ଝୁପୁଡି ଘରେ ଜୀବନ ବିତୁଛି। କେବେ ଘର କାମ ସରିବ ଆରାମରେ ଟିକିଏ ରହିବୁ ବୋଲି ଡମୁନି କହିଛନ୍ତି। ଆମ ଦୁଇଜଣଙ୍କ ବୟସ ଦିନକୁ ବଢି ଚାଲିଛି । ଏବେ ଯଦି ଘର ହେବ ନାହିଁ ତାହାହେଲେ ସରକାର ଯୋଗାଇ ଦେଇଥିବା ଘରର ସୁଖ ଆଉ କେବେ ପାଇବୁ ବୋଲି ସେ କୋହାଭରା କଣ୍ଠରେ କହିଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରୁ ଜିଓ ଟେଗ ଗ୍ରାମ ରୋଜଗାର ସେବକ କରୁଛନ୍ତି । କେତେ ଟଙ୍କା ଘର ନିର୍ମାଣ ପାଇଁ ଯୋଗାଇ ଦିଆଯାଇଛି ସେ କହିପାରିବେ ବୋଲି କହିଛନ୍ତି। ଗ୍ରାମ ରୋଜଗାର ସେବକ ଜଗବନ୍ଧୁ ଭତ୍ରାଙ୍କୁ ପଚାରିବାରୁ ତାଙ୍କ ଘର ନିର୍ମାଣ ପାଇଁ ନିଣ୍ଟେଲ ଲେବଲ ପର୍ଯ୍ୟନ୍ତ କାମ ହୋଇଛି, କେତେ କିସ୍ତି ଅନୁଦାନ ଦିଆଯାଇଛି ତାହା ମୁ ଜାଣିନାହିଁ। ବ୍ଲକ କାର୍ଯ୍ୟାଳୟରେ ପଚାରିଲେ ଜଣାପଡିବ ବୋଲି କହିଛନ୍ତି। ତେବେ ଘର ପାଇଁ କାର୍ଯ୍ୟାଦେଶ ପୂର୍ବରୁ ଦିଆଯାଇଥିଲେ ମଧ ୨୦୨୧-୨୨ରେ ଘର ଆରମ୍ଭ ହୋଇଛି। ତୁରନ୍ତ ଘର କାମ ସମ୍ପୂର୍ଣ୍ଣ କରିବାପାଇଁ ଉଦ୍ୟମ ଜାରି ରହିଛି।



ଭଙ୍ଗାଘର ଆଗରେ ଲଛମିଧର ଓ ଡମୁନି ।

ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ୧୧ ମେ, ୨୦୨୨



## ସଂକ୍ଷେପରେ

### ଚୋରି ମାମଲାରେ ଜଣେ ଗିରଫ



ଜୟପୁର, ୧୦।୫ (ନି.ପ୍ର.)- ଚୋରି ମାମଲାରେ ଜଣେ ଯୁବକଙ୍କୁ ମଙ୍ଗଳବାର ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ପାରାବେଡ଼ାର ସୁବାସ ହରିଜନ। ନିକଟରେ ଜୟପୁରର ସୁପର୍ଣ୍ଣା ମେଡିକାଲ ଷ୍ଟୋରରୁ ୫ ହଜାର ଟଙ୍କା ଚୋରି ହୋଇଥିଲା। ସୁବାସଙ୍କ ସହ ଅନ୍ୟ ୭ ଜଣ ମିଶି ଏହି ଚୋରି କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲାର ତଦନ୍ତ କରି ସୁବାସଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### କୋଟିଆ ଗ୍ରାମପୁଞ୍ଜରେ ଭଲିବଲ କିଟ୍ ବଣ୍ଟନ

କୋରାପୁଟ,୧୦।୫(ସ୍ୱ.ପ୍ର.)-କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ କୋଟିଆ ଗ୍ରାମପୁଞ୍ଜ ଗଞ୍ଜେଇପଦର ଯୁବକମାନଙ୍କ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ଭଲିବଲ୍ କିଟ୍ ବଣ୍ଟନ କରାଯାଇଛି। କୋଟିଆ ସରପଞ୍ଚ ଲିଉ ଗେମେଲ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା କାର୍ଯ୍ୟକ୍ରମ ସଂଯୋଜକ କାଶୀପ୍ରସାଦ ନାୟକ, ପ୍ରକଳ୍ପ ପରିଚାଳକ ସତ୍ୟରଞ୍ଜନ ମହାନ୍ତି, ରାମନାଥ ନାୟକ, ସାମାଜିକ କର୍ମୀ ଶଙ୍କର ଗେମେଲ ଉପସ୍ଥିତ ଥିଲେ।

### ପଟ୍ଟାଙ୍ଗୀରେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଜିଲାପାଳ

କୋରାପୁଟ,୧୦।୫(ସ୍ୱ.ପ୍ର.)-କୋରାପୁଟ ଜିଲାର ପଟ୍ଟାଙ୍ଗୀ ବ୍ଲକରେ ନାଲ୍କୋର ପେରିଫେରି ପାଣ୍ଠି ବ୍ୟୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ଜିଲାପାଳ ଅବଦାଲ ଏମ୍. ଅଖତାର ସମୀକ୍ଷା କରିଛନ୍ତି। ପଟ୍ଟାଙ୍ଗୀ ଗସ୍ତ ଅବସରରେ ସେ ମାଳିପୁଟ, ସିପେଇପୁଟ, ତଳ ଏରାସାନ୍ତାଗୁଡ଼ା, ଥୁରିଆ ଓ କୋଟିଆର କରଞ୍ଜଗୁଡା ଗ୍ରାମରେ ନାଲ୍କୋ ପେରିଫେରି ପାଣ୍ଠି ବ୍ୟୟରେ ସୋଲାର ଷ୍ଟ୍ରିଟ୍ ଲାଇଟ, ସୋଲାର ଡ୍ୟୁଏଲ ପମ୍ପ, ଟ୍ୟୁବ୍‌ୱେଲ, ରାସ୍ତା କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ସମୟରେ ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓକିଲଙ୍କୁ ମାଡ଼ମାରି ଜଣେ ଗିରଫ



ଜୟପୁର, ୧୦।୫ (ନି.ପ୍ର.)-ଓକିଲଙ୍କୁ ମାଡ ମାରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୂଆସାହି ଦ୍ୱିତୀୟ ଲାଇନର ଏମ୍. ନରେନ୍ଦ୍ର। ଦ୍ୱିତୀୟ ଲାଇନର ଓକିଲ ବ୍ରହ୍ମା ନନ୍ଦମଙ୍କୁ କୌଣସି କାରଣରୁ ସେହି ସାହିର ନରେନ୍ଦ୍ର ମାଡ ମାରିଥିଲେ। ଏନେଇ ଗତ ୧।୪। ୨୨ରେ ଏନେଇ ବ୍ରହ୍ମାନନ୍ଦମ ଟାଉନ ଥାନାରେ ଅଭିଯୋଗ କରିଥିଲେ।

### ଆତ୍ମା ଅଧ୍ୟକ୍ଷ ହେଲେ ପୀତାମ୍ବର




କୁନ୍ଦୁରା,୧୦।୫ (ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରାସ୍ଥିତ ଆତ୍ମା କାର୍ଯ୍ୟାଳୟର ନୂତନ ଅଧ୍ୟକ୍ଷ ରୂପେ ଚାଷୀ ପୀତାମ୍ବର ନାୟକ ମନୋନୀତ ହୋଇଛନ୍ତି। ପ୍ରତି ଦୁଇ ବର୍ଷରେ ଥରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତଥା ଆତ୍ମାର ଅଧ୍ୟକ୍ଷ ଚୟନ କରାଯାଇଥାଏ। କରୋନା ଯୋଗୁ ୨ବର୍ଷ ଧରି ଏହା ବନ୍ଦ ରହିଥିଲା। ପୂର୍ବରୁ ଦୈତାରି ମଲ୍ଲିକ ଅଧ୍ୟକ୍ଷ ଥିବା ବେଳେ ଚଳିତ ଥର ସେହି ଦାୟିତ୍ୱ ପୀତାମ୍ବରଙ୍କୁ ମିଳିଛି।

### ୪୫ ୟୁନିଟ୍ ରକ୍ତ ସଂଗ୍ରହ

କୋରାପୁଟ,୧୦।୫(ସ୍ୱ.ପ୍ର.)- ଶହୀଦ ଲକ୍ଷ୍ମଣ ନାୟକ (ଏସଏଲଏନ) ମେଡିକାଲ୍ କଲେଜଠାରେ ଲାବ୍ ଟେକ୍ନୋଲୋଜି ଓ ରେଡିଓଲୋଜି ଛାତ୍ର ୟୁନିୟନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲଡ୍ ବ୍ୟାଙ୍କ ଡାକ୍ତର ଏମ୍.ଏସ. ବଳିଆରସିଂହ ଉଦ୍‌ଘାଟନ କରିଥିଲେ। ହସ୍ପିଟାଲ୍ ମ୍ୟାନେଜର ଉପସ୍ଥିତ ଥିଲେ। ଏସ ଏଲ ଏନ୍ ମେଡିକାଲ୍ କଲେଜ ର ଡିଏମ୍ଏଲଟି ଓ ଡିଏମଆରଟି ଛାତ୍ର ସୁଭରଞ୍ଜନ ରାଉତ, ମାନସ ବେହେରା, ନରୋତ୍ତମ ସାହାଣୀ, ରାଜେଶ୍ ମହନ୍ତ, ଆଶୁତୋଷ ହୋତା, ରୂପାଲୀ ମହାନ୍ତି, ସ୍ମୃତି ଦାସ ଶିବିର ପରିଚାଳନା କରିଥିଲେ। ରକ୍ତଭଣ୍ଡାର କର୍ମଚାରୀ ରଞ୍ଜିତ ସାହୁ, ରବୀନ୍ଦ୍ର ମିଶ୍ର ସଞ୍ଜୟ ସିଂହ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# କାର୍ଯ୍ୟକ୍ଷମ ହେଉନି ଉଠାଜଳସେଚନ ପ୍ରକଳ୍ପ

**ସ୍ୱାଭିମାନ ଅଞ୍ଚଳ**
- ଅବହେଳା ଯୋଗୁ ବିକାଶ ତ୍ୱରାନ୍ୱିତ ହୋଇପାରୁନାହିଁ
- ଜଳସେଚନ ଅଭାବରୁ ଚାଷୀ କରିପାରୁନାହାନ୍ତି ଚାଷ
- ପଦକ୍ଷେପ ନିଆଯାଉଛି: ବିଡିଓ

ମାଲକାନଗିରି,୧୦।୫(ଡି.ଏନ୍.ଏ.)



ଗୋରାସେତୁଠାରେ କାର୍ଯ୍ୟକ୍ଷମ ହୋଇ ନ ଥିବା ଉଠାଜଳସେଚନ ପ୍ରକଳ୍ପ।

ଗଞ୍ଜେଇ ଚାଷ ରୋକିବା ଏବଂ ଅଞ୍ଚଳବାସୀଙ୍କୁ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନେଇ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉଛି। ଦୀର୍ଘଦିନ ହେଲା ଏହି ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଏସବୁ ଏଯାଏ ସରିପାରୁନାହିଁ। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୯ଟି ପଞ୍ଚାୟତକୁ ସ୍ୱାଭିମାନ ଅଞ୍ଚଳ ରୂପେ ଘୋଷଣା କରାଯାଇଥିଲା। ଏହି ୯ ପଞ୍ଚାୟତର ୧୫୧ ଖଣ୍ଡ ଗ୍ରାମର ବିକାଶ ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ବିକାଶ ତ୍ୱରାନ୍ୱିତ ହୋଇପାରୁନାହିଁ। ଫଳରେ ଜଳସେଚନ ଅଭାବରୁ ଚାଷୀ ରବି କିମ୍ବା ଖରିଫ ଫସଲ କରିପାରୁନାହାନ୍ତି। ସ୍ୱାଭିମାନ ଅଞ୍ଚଳର ଗୋରାସେତୁଠାରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ଅନେକ ଜାଗାକୁ ମାଟି ଖୋଳି ପାଇପ ବିଛାଯିବା ସହ ପ୍ରକଳ୍ପ ସ୍ଥାନରେ ମୋଟର ସହ ଅନ୍ୟାନ୍ୟ ସରଞ୍ଜାମ ରଖାଯାଇଛି। ପ୍ରକଳ୍ପ ନିର୍ମାଣ ଏଯାଏ ସରି ନ ଥିବା ବେଳେ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଚିତ୍ରକୋଣ୍ଡା ବିଡିଓଙ୍କ ଦାୟିତ୍ୱରେ ଥିବା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ପଚାରିବାରୁ ସେ କହିଲେ, ଗୁରୁପ୍ରିୟା ସେତୁ ଦେଇ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ ପାଇଁ ପଦକ୍ଷେପ ନିଆଯାଉଛି। ଏହି ସଂଯୋଗ ହେଲେ ବଡ଼ପଡ଼ାରେ ଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ହୋଇ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ସ୍ୱାଭିମାନ ଅଞ୍ଚଳର ବିକାଶ ଦିଗରେ ଯେତିକି ତତ୍ପରତା ଦେଖାଉଛନ୍ତି ସେତିକି ତତ୍ପରତା ସ୍ଥାନୀୟ ପ୍ରଶାସନ ଦେଖାଉ ନ ଥିବାରୁ ଏଭଳି ସମସ୍ୟା ହେଉଥିବା ସାଧାରଣରେ ମତ ପ୍ରକାଶ ପାଉଛି।

## ବରଯାତ୍ରୀ ଭ୍ୟାନ ଦୁର୍ଘଟଣାଗ୍ରସ୍ତ, ୩୦ ଆହତ



ଓଲଟି ପଡିଥିବା ପିକ୍‌ଅପ୍ ଭ୍ୟାନ ।

ଚିତ୍ରକୋଣ୍ଡା,୧୦।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଖବରରୁ ଜଣାପଡିଛି କୋରୁକୋଣ୍ଡା ବ୍ଲକ ତାରାଲାକୋଟା ସିନ୍ଧିପୁଟ ଗ୍ରାମରୁ ବିବାହ କାର୍ଯ୍ୟ ନିମନ୍ତେ ବର ଘରର ଲୋକେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପଣଷପୁଟ ବେଜିଙ୍ଗ ଗ୍ରାମର ଝିଅ ଘରକୁ ଯାଉଥିଲେ । ଏମାନେ ପ୍ରଥମେ ଡାଇକ ଥ୍ରୀ ଘାଟରୁ ଲଞ୍ଚ ଯୋଗେ ଯାଇ ଓରାପଦରରେ ଓହ୍ଲାଇ ପିକଅପ ଭ୍ୟାନରେ ବେଜିଙ୍ଗ ଅଭିମୁଖେ ଯାଉଥିବା ବେଳେ ପିକଅପ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଆହତଙ୍କୁ ତୁରନ୍ତ ଯୋଡ଼ାମ୍ବ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଥିଲା ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଥିବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଉଛି।

## କାର୍ଯ୍ୟାଦେଶ ବଣ୍ଟନର ଶୁଭାରମ୍ଭ କଲେ ପୌରାଧ୍ୟକ୍ଷ

ମାଲକାନଗିରି, ୧୦।୫ (ଡି.ଏନ.ଏ.)



ପୌରାଧ୍ୟକ୍ଷ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ଦେଉଛନ୍ତି।

ମାଲକାନଗିରି ପୌର ପରିଷଦର ୧୫ ନମ୍ବର ୱାର୍ଡରେ ମଙ୍ଗଳବାର ମାଲକାନଗିରି ପୌର ପରିଷଦ ପକ୍ଷରୁ ଆବାସ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ମାନସ ମାଡକାମି, ମାଲକାନଗିରି ପୌର ଅଧ୍ୟକ୍ଷ ମନୋଜ ବାରିକ ଯୋଗ ଦେଇ ଶତାଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ଜେନା, ୧୫ ନମ୍ବର ୱାର୍ଡ କାଉନସିଲର ବିକାଶ ଦାସ, ପୂର୍ବତନ କାଉନସିଲର ଜି.ବିଜୟଲକ୍ଷ୍ମୀ, ରିକ୍ସମେସନ ଏସିଡିଏ ସଭାପତି କେ. ରାହୁଲ, କଳାହାଣ୍ଡି ସାହି ଏସିଡିଏ ସଭାପତି ବଳରାମ ନାଗ ଓ ନାଥନ ବାଲା, ବି. ବିଭୂତି ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୌର ପରିଷଦର ପ୍ରତ୍ୟେକ ୱାର୍ଡର ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ପୌରାଧ୍ୟକ୍ଷ ବାରିକ କହିଛନ୍ତି।

## ସହରର ସବୁ ଶୌଚାଳୟ ପରିଦର୍ଶନକଲେ ପୌରାଧ୍ୟକ୍ଷ

ଜୟପୁର, ୧୦।୫ (ନି.ପ୍ର.)

ଜୟପୁର ସହରର ସମସ୍ତ ଶୌଚାଳୟ ପରିଦର୍ଶନ କରିଛନ୍ତି ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି। ବହୁ ଶୌଚାଳୟ ନିର୍ମାଣ ହୋଇଛି କିନ୍ତୁ କାର୍ଯ୍ୟକ୍ଷମ ହୋଇନାହିଁ । ଏନେଇ ଗତ ପୌର ପରିଷଦ ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ବେଗ ପ୍ରକାଶ କରିଥିଲେ । ୮ ଦିନ ଭିତରେ ସମସ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କୋର୍ଟ ପରିସରରେ ଖୋଲିବ କାଫେଟେରିଆ

ଜୟପୁର, ୧୦।୫ (ନି.ପ୍ର.)

ଜୟପୁର ସ୍ଥିତ ଜିଲା କୋର୍ଟ ପରିସରରେ ଏକ କାଫେଟେରିଆ ଖୋଲିବ। ଏନେଇ ମଙ୍ଗଳବାର ପୌର କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କୋର୍ଟକୁ ଯାଇ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । କୋର୍ଟ ପରିସରରେ ସଂଘ ଜାଗା ଦେଲେ କାଫେଟେରିଆ ହେବ। ଫଳରେ ଜଳଖିଆ, ମିଲସ, ଚା ଆଦି ସୁଲଭ ଦରରେ ମିଳିବ। ଓକିଲ ସଂଘ ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରା ସହ ପଟ୍ଟନାୟକ ଆଲୋଚନା କରିଥିଲେ। ସଂଘର ସାଧାରଣ ପରିଷଦ ବୈଠକରେ ଏହି ପ୍ରସ୍ତାବ ଆଲୋଚନା କରାଯିବ । ପରେ ଏ ସମ୍ପର୍କରେ ପୌର ପରିଷଦକୁ ଅବଗତ କରାଯିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି ।

## ବିଭିନ୍ନ ଯୋଜନା ସମୀକ୍ଷା କଲେ ଆକାଂକ୍ଷା ଜିଲା କେନ୍ଦ୍ରୀୟ ପ୍ରଭାରୀ



ମାଲକାନଗିରି,୧୦।୫(ଡିଏନଏ)– ଆକାଂକ୍ଷା ଜିଲାର କେନ୍ଦ୍ରୀୟ ପ୍ରଭାରୀ ତଥା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ରଜତ ମିଶ୍ର ମଙ୍ଗଳବାର ମାଲକାନଗିରି ଜିଲା ଗସ୍ତକରି ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଡିଆରଡିଏ ସଭା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇ ସେ ଆକାଂକ୍ଷା ଜିଲାର ଭିତ୍ତିଭୂମି ବିକାଶ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା, ବର୍ଷାଜଳ ସଂରକ୍ଷଣ, ମୁଦ୍ରା ଯୋଜନା ଏବଂ ବିଭିନ୍ନ ବୀମା ଯୋଜନାର ସମୀକ୍ଷା କରିଥିଲେ। ମୁଦ୍ରା ଯୋଜନାରେ ବେକାରୀ ଯୁବତୀଯୁବକଙ୍କୁ ଋଣ ଦେବା, ପୁଷ୍ଟିକର ଖାଦ୍ୟ ପ୍ରଦାନ, ଶିଶୁଙ୍କ ଓଜନ ବୃଦ୍ଧି , ଜଳ ସଂରକ୍ଷଣ ପାଇଁ ଅମୃତ ସରବର ସୃଷ୍ଟି, ପୋଖରୀ ପୁନରୁଦ୍ଧାର, ବାଳିକା ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲାପାଳ ବିଶାଲ ସିଂହ, ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ, ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଆମ୍ବଚାଷରୁ ମିଳୁଛି ରୋଜଗାର

ଦଶମନ୍ତପୁର,୧୦।୫ ( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଆମ୍ବଚାଷ ଚାଷୀଙ୍କୁ ରୋଜଗାର ଦେଇଛି। ସେମାନେ ଉତ୍ପାଦନ କରିଥିବା ଆମ୍ବ ବଜାରରେ ବିକ୍ରି କରି ନିଜ ଗୁଜରର ମେଣ୍ଟାଉଛନ୍ତି। ଏପରିକି ବାହାର ରାଜ୍ୟକୁ ମଧ୍ୟ ଆମ୍ବ ପଠାଇ ଲାଭାନ୍ୱିତ ହେଉଛନ୍ତି। ବ୍ଲକ ଅନ୍ତର୍ଗତ ଗାଦିଆଗୁଡା ପଞ୍ଚାୟତ ପାଇକପୁକି ଗାଁ ଗ୍ରାମର ମୟ ସାଉନ୍ତାଙ୍କ ସହ ଅନ୍ୟ ଚାଷୀମାନେ ଏପରି ସଫଳତା ପାଇଛନ୍ତି। ଚାଷୀ ମୟ କହନ୍ତି, ସେ ଗତ ୩ ବର୍ଷ ହେଲା ଜମିରେ ଆମ୍ବଚାଷ କରି ଆସୁଛନ୍ତି। ପ୍ରତି ବର୍ଷ ୩୦/୪୦ ହଜାର ଟଙ୍କା ଆମ୍ବ ବିକ୍ରି କରୁଛନ୍ତି। କିଲୋ ପ୍ରତି କଞ୍ଚା ଆମ୍ବ ୭୦ ଟଙ୍କା ଦରରେ ୨ ଟନ୍ ଆମ୍ବ ରାୟପୁର ପଠାଇଛନ୍ତି। ଗ୍ରାମର ଅନ୍ୟ ଚାଷୀ ମଧ୍ୟ ଆମ୍ବ ଚାଷ କରି ଜୀବିକା ନିର୍ବାହ କରି ଆସୁଛନ୍ତି। ଉଦ୍ୟାନ ବିଭାଗ ତାଙ୍କୁ ଜମିରେ ଆମ୍ବ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଆମ୍ବ ଚାରା ଦେଇ ସରକାରୀ ସହାୟତା ମଧ୍ୟ ଯୋଗାଇ ଦେଇଥିଲେ ବୋଲି ମୟ ପ୍ରକାଶ କରିଛନ୍ତି।

## କର୍କଟ ରୋଗ ଚିହ୍ନଟ ଶିବିରରେ ୧୪୩ କଲେ ପରୀକ୍ଷା

ଜୟପୁର, ୧୦।୫ (ନି.ପ୍ର.)

କର୍କଟ ରୋଗ ନିରୂପଣ ଭ୍ୟାନ୍ ଦିଲ୍ଲୀରୁ ବାହାରି ମଙ୍ଗଳବାର ଜୟପୁରରେ ପହଞ୍ଚିବା ପରେ ବିକ୍ରମଦେବ କଲେଜର କର୍ମସ ବ୍ଲକରେ ମାରୱାଡି ଯୁବମଞ୍ଚ ପକ୍ଷରୁ ଦିନିକିଆ ଶିବିର ଆୟୋଜନ କରାଯାଇଥିଲା । ୧୪୩ ଜଣ ବ୍ୟକ୍ତି ଏହି ଭ୍ୟାନ୍ ନିକଟରେ ପରୀକ୍ଷା କରାଇଥିଲେ। ଶିବିରରେ ୬ ଜଣ ଏଏନ୍ଏମ୍, ୬ ଜଣ ଏନ୍‌ସିସି କ୍ୟାଡେଟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ସମୟରେ ଡାକ୍ତର ଭବନୀ ମିଶ୍ର, କଲେଜ ଅଧ୍ୟକ୍ଷ ଗୋପାଳ ହାଲ୍‌ଦାର, ପୌର ଉପାଧ୍ୟକ୍ଷ ବି. ସୁନିତା, ମିହିର କର୍କରା, ଚାମ୍ବର ଅଫ୍ କମର୍ସର ସଭାପତି ରାଜପାଲ ଖୁରାନା, ଅଗ୍ରସେନ ସମିତି ସଭାପତି ଦୀନବନ୍ଧୁ ଅଗ୍ରୱାଲ, ଶିବା ପ୍ରତାପ ପଟ୍ଟନାୟକ, ପ୍ରଫୁଲ୍ଲ ପାଠୀ, ସନ୍ତୋଷ ସାହୁ, ଆୟୋଜକ ଅତିଶ ଅଗ୍ରୱାଲ, ସୌରଭ ଗୁପ୍ତା, ଯୁବମଞ୍ଚ ସଭାପତି ବରୁଣ ଜୈନ, ସମ୍ପାଦକ ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସେମିଳିଗୁଡ଼ାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସେମିଳିଗୁଡା/ସୁନାବେଡା, ୧୦।୫ (ସ୍ୱ.ପ୍ର.)

ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ସେମିଳିଗୁଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସେମିଳିଗୁଡା ବ୍ଲକ ଓ ସୁନାବେଡା ପୌର ପାଳିକାର ୩୦୬ ଜଣ ଭିନ୍ନକ୍ଷମ ଯୋଗଦେଇ ଥିଲେ। ସେଥିରୁ ମାନସିକ ଅନଗ୍ରସର ୫୩ ଜଣ,ଦୃଷ୍ଟିବାଧିତ ୩୭, ମୁକ ବଧିର ୬୬, ଅସ୍ଥିଶଲ୍ୟ ୧୩୪ ଓ ଅନ୍ୟାନ୍ୟ ବର୍ଗର ୧୬ ଜଣ ଭିନ୍ନକ୍ଷମ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଏହାବ୍ୟତୀତ ବସ୍‌ପାସ ୨୧, ଆୟ ପ୍ରମାଣପତ୍ର ୩୩, ଭିନ୍ନକ୍ଷମ ପେନସନ ଆବେଦନପତ୍ର ୯, ଡ଼ିଆରଆଇ ଋଣ ୧୦ଟି ଗ୍ରହଣ କରାଯାଇଥିଲା। ଶିବିରରେ ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର, ଆଶାବାଡ଼ି ଏବଂ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଡାକ୍ତରମାନେ ପରୀକ୍ଷା ନିରୀକ୍ଷା ପରେ ଭିନ୍ନକ୍ଷମମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମୋଦନ କରିଥିଲେ। ଶିବିରରେ ଅନ୍ୟତମ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧୀରେନ୍ଦ୍ର କଣ୍ଡାଗିରି, ହିସାବ ଅଧିକାରୀ ଅକ୍ଷୟ ମିଶ୍ର ,କୋରାପୁଟ ଉପଖଣ୍ଡ ସାମାଜିକ ଅଧିକାରୀ ଦିଲୀପ ହିଆଲ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ସବ୍ୟସାଚୀ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା ବେହେରା ସହାୟକ ଡ଼ମ୍ବୁରୁ ଖିଲ ଶିବିର ପରିଚାଳନା କରିଥିଲେ। ରାଧା ମାଧବ କଳାକାର ସଂଘ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଜଣେ ହିତାଧିକାରୀଙ୍କୁ ଅତିଥିମାନେ ହୁଇଲ୍ ଚେୟାର ପ୍ରଦାନ କରୁଛନ୍ତି।

## ଖବରକାଗଜ ବିତରକଙ୍କୁ ପରିଚୟପତ୍ର

ମାଲକାନଗିରି,୧୦।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଡିପିଆର୍‌ସି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଖବରକାଗଜ ବିତରକମାନଙ୍କୁ ପରିଚୟ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ତାଲିକା ଅନୁଯାୟୀ ୫୯ ଜଣ ଖବରକାଗଜ ବିତରକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖବରକାଗଜ ବିତରକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ଯେଉଁ ବିତରକମାନେ ମଙ୍ଗଳବାର ସେମାନଙ୍କ ପରିଚୟପତ୍ର ପାଇପାରିନାହାନ୍ତି ସେମାନେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ସେମାନଙ୍କ ପରିଚୟ ପତ୍ର ସଂଗ୍ରହ କରିନେବାକୁ କୁହାଯାଇଛି।



ପରିଚୟପତ୍ର ପାଇଥିବା ଖବରକାଗଜ ବିତରକମାନେ ।

## ଜିଲା ପ୍ରଶାସନ ପକ୍ଷରୁ ବୈଠକ

ମାଲକାନଗିରି,୧୦।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ବାତ୍ୟା ଆସାନି ପ୍ରଭାବରେ ବର୍ଷା ପବନ ହେବାକୁ ଥିବାରୁ ଏନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସବୁ ବ୍ଲକର ବିଡିଓ, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ବିଶାଲ୍ ସିଂ ଅଧ୍ୟକ୍ଷତା କରିଥିଲେ। ସୂଚନାଯୋଗ୍ୟ, ବାତ୍ୟା ଆସାନି ପ୍ରଭାବ ଟଳିଯାଇଥିବା ବେଳେ ଏହା ସମୁଦ୍ର ଉପର ଦେଇ ଅତିକ୍ରମ କରିବ। ଏହାର ପ୍ରଭାବରେ ରାଜ୍ୟର କେତେକ ଜିଲାରେ ବର୍ଷା ପବନ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା।

## କୋଭିଡ୍‌ରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଦେବାକୁ ଦାବି କଲା କଂଗ୍ରେସ

ମାଲକାନଗିରି,୧୦।୫(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

କୋଭିଡ୍ ସମୟରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ ସହ କୋଭିଡ୍ ଆୟୋଗ ଗଠନ କରିବାକୁ ମଙ୍ଗଳବାର ମାଲକାନଗିରି ଜିଲା ଯୁବ କଂଗ୍ରେସ ଦାବି କରିଛି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସାମ୍ବାଦିକ ସମ୍ମିଳନୀରେ ସଭାପତି ମଙ୍ଗୁ ଖିଲ ଏହା ପ୍ରକାଶ କରି ମାଲକାନଗିରି ଜିଲାରେ କୋଭଡ୍‌ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ତାଲିକା ପ୍ରକାଶ ପାଇଁ ଯୁବ କଂଗ୍ରେସ ପକ୍ଷରୁ ସେ ଦାବି କରିଛନ୍ତି। କୋଭିଡ୍‌ରେ ଦେଶ ବହୁମାତ୍ରାରେ ପ୍ରଭାବିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅମ୍ଳଜାନ ଓ ଶଯ୍ୟାର ଅଭାବ ଯୋଗୁ ଅକାଳରେ ଅନେକ ଜୀବନ ଚାଲିଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଭିଡ୍‌ରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ସଠିକ୍ ତାଲିକା ପ୍ରକାଶ ନ କରିବାରୁ ଅନେକ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି। ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ପାତ୍ର ଉପସ୍ଥିତ ଥିଲେ। ସେ ମାଲକାନଗିରି ପୌର ପରିଷଦ , ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଗରିବ ଭୂମିହୀନଙ୍କୁ ଏ ପର୍ଯ୍ୟନ୍ତ ଘର ଡିହ ପଟ୍ଟା ମିଳି ନ ଥିବା ଅଭିଯୋଗ କରିଥିଲେ। ପଟ୍ଟା ଅଭାବରୁ ସେମାନେ ନିଜ ପିଲାଙ୍କ ବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ ହେଉଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ଏ.ସି ସେଲ୍ ସଭାପତି ଧନୁର୍ଜ୍ୟୟ ହନ୍ତାଳ, ସମ୍ପାଦକ ପ୍ରାଣକୃଷ୍ଣ ମଣ୍ଡଳ, ଛାତ୍ର କଂଗ୍ରେସ ସଭାପତି ବେଣୁ ହନ୍ତାଳା, ବିଷ୍ଣୁ ପ୍ରସାଦ ବାକା ପ୍ରମୁଖ ଉପସ୍ଥିତ ଥିଲେ।

